
# ବ୍ରହ୍ମ-ଦାରୁବ୍ରହ୍ମ : ବିଶ୍ୱାସର ବିଶ୍ୱାୟନ

ଡକ୍ଟର ବାନାମ୍ବର ପୃଷ୍ଟି

ଜାଗତିକ ଜୀବନ ପ୍ରବାହରେ ମୋହାନୁବନ୍ଧର ଅଗ୍ନିବର୍ଷୀ ପଥରେ ଆତ୍ମାନୁବନ୍ଧର ପଥଟି ସେତେବେଳେ ଉଦ୍‌ଭାଷିତ ହୋଇଥାଏ, ଯେତେବେଳେ ଦୂରଦୃଷ୍ଟିବିହୀନ ଉତ୍ସୁକତାର ପରିଣତିରେ ମଣିଷର ଯଥାର୍ଥ ଆତ୍ମୋପଲବ୍‌ଧି ଆସେ। ଭ୍ରାନ୍ତି ବିନୋଦର ଅନ୍ତଃସାର ହୀନ ଜୀବନଶୈଳୀ ତା'ପାଇଁ ସମୟାନ୍ତରେ ହୋଇଯାଏ ମୂଲ୍ୟହୀନ। ସ୍ଥିତାବସ୍ଥାରୁ ମୁକ୍ତ ହେବା ପାଇଁ ସେ ହୋଇଉଠେ ଉଦ୍‌ଗ୍ରୀବ। ଶାରୀରିକ, ମାନସିକ, ଆଗନ୍ତୁକ, ସ୍ୱାଭାବିକ ବ୍ୟାଧି ବଳୟରୁ ସେ ଏକ ପରମାନନ୍ଦମୟ ଇଲାକାକୁ ଯାତ୍ରା କରିବା ପାଇଁ ଆଗ୍ରହୀ ହୁଏ। ଜାଗତିକ ଷଡ଼ ଭାବବିକାରର ସ୍ୱରୂପକୁ ପ୍ରତ୍ୟକ୍ଷ କରି ସେ ବିସ୍ମୟାଭିଭୂତ ହୁଏ। 'ଜାୟତେ, ଅସ୍ତି, ବର୍ଦ୍ଧତେ, ଅପକ୍ଷୀୟତେ, କ୍ଷୀୟତେ, ନସ୍ୟତେ'- ଏହି ଷଡ଼ ଅବସ୍ଥା ଚକ୍ରଦେଇ ଜୀବର କିପରି ଅବସ୍ଥା ପ୍ରାପ୍ତ ହୁଏ, ତାହା ଜୀବନର ସୂର୍ଯ୍ୟାସ୍ତରେ ପରିଲକ୍ଷିତ ହୋଇଥାଏ। ଦେହାତ୍ମ ପ୍ରତ୍ୟୟର ଉଦ୍ଭଟ ମାନସିକତା ମଧ୍ୟରେ ମାନୁଷିକ ସ୍ଥିତି ସ୍ଥାପକତା କ୍ରମେ ବାୟବୀୟ ସ୍ଥିତିରେ ରୂପାନ୍ତରିତ ହୁଏ। ପାର୍ଥିବ ପ୍ରାଣୋଚ୍ଛଳତା, ଭାବାବେଗ, ଉତ୍ସୁକତା, କାଳ୍ପନିକତା, ସୌଜନ୍ୟ-ସଂପ୍ରୀତି, ଅଭିଭାଷଣ ଆଲୋକିତ ଅନ୍ଧକାରର ସ୍ତୂପ ମଧ୍ୟରେ କୁଜ୍ଝଟିକାର ରହସ୍ୟମୟତା ସୃଷ୍ଟି କରିଥାନ୍ତି। ସେହି ନିମିତ୍ତକାରଣ ରୂପୀ ଅବଲମ୍ବନ ହିଁ ପରମ ପୁରୁଷ ବା ପରାତ୍ପର ବ୍ରହ୍ମ। ବ୍ରହ୍ମଙ୍କର ସବିଶେଷ ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ ଉପନିଷଦମାନଙ୍କରେ। ବ୍ରହ୍ମ ଶବ୍ଦଟିର ବ୍ୟୁତ୍ପତ୍ତି କ୍ଷେତ୍ରରେ 'ବୃହଂ' ଧାତୁରୁ 'ବ୍ରହ୍ମ' ଶବ୍ଦଟି ନିଷ୍ପନ୍ନ ବୋଲି ଶାସ୍ତ୍ରକାରମାନେ ସିଦ୍ଧାନ୍ତରେ ଉପନୀତ। ଯେଉଁ ସତ୍ତା ନିଜେ ବୃହତ୍ ଏବଂ ଯେ ବଡ଼ କରାନ୍ତି, ସେ ହେଉଛନ୍ତି ବ୍ରହ୍ମ ପଦବାଚ୍ୟ। ଈଶ, କଠ, ତୈତ୍ତିରୀୟ, ଛାନ୍ଦୋଗ୍ୟ, ବୃହଦାରଣ୍ୟକ, ଶ୍ୱେତାଶ୍ୱତର ପ୍ରଭୃତି ବହୁ ଚର୍ଚ୍ଚିତ ଉପନିଷଦଗୁଡ଼ିକରେ ବ୍ରହ୍ମଙ୍କର ସଗୁଣ ଓ ନିର୍ଗୁଣ ମାହାତ୍ମ୍ୟ ବର୍ଣ୍ଣିତ।



ଋକ୍ ବେଦର ପ୍ରଥମ ମଣ୍ଡଳ ୧୫୪ ସୂକ୍ତର ୫ମ ୬ଷ୍ଠ ଋକ୍‌ରେ ବିଷ୍ଣୁଙ୍କର ତ୍ରିପାଦ ତ୍ରିଧାମରେ ମାଧୁର୍ଯ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିଥାନ୍ତି ବୋଲି ଅବତାରଣା କରାଯାଇଅଛି। ଛାନ୍ଦୋଗ୍ୟ ଉପନିଷଦର ଅଷ୍ଟମ ଅଧ୍ୟାୟ ପ୍ରଥମଖଣ୍ଡର ପ୍ରଥମ ମନ୍ତ୍ରରେ ସର୍ବତ୍ର ପରିବ୍ୟାପ୍ତ ବ୍ରହ୍ମଙ୍କର ବିଭୂତି ବର୍ଣ୍ଣିତ ହୋଇଛି। ଶ୍ୱେତାଶ୍ୱତର ଉପନିଷଦ୍‌ର ପ୍ରଥମ ଅଧ୍ୟାୟ ଦ୍ୱାଦଶ ମନ୍ତ୍ରରେ ପରଂବ୍ରହ୍ମ ପୁରୁଷୋତ୍ତମ ଆତ୍ମ ଅନ୍ତର ଭିତରେ ଚିରବିଦ୍ୟମାନ ସତ୍ତା ବୋଲି ବର୍ଣ୍ଣିତ ହୋଇଛନ୍ତି। ଏହି ସତ୍ତାଙ୍କୁ ଉପଲବ୍‌ଧି ଶ୍ରଦ୍ଧା ବଳରେ ଅର୍ଜନ କରାଯାଇପାରେ।

ତୈତ୍ତିରୀୟ ଉପନିଷଦରେ ତ୍ରୈକାଳିକ ବ୍ରହ୍ମଙ୍କର ସତ୍ୟସ୍ୱରୂପ ଉଦ୍‌ଘାଟିତ ହୋଇଅଛି। ଏହି ପରମ କାରୁଣିକ ଭକ୍ତ ଚିତ୍ତରେ ବିରାଜମାନ କରି ତାର ସତ୍ୟାନୁସନ୍ଧିତ୍ସା ଓ ସତ୍ୟପ୍ରାଣତା ପ୍ରତି ଦୃଷ୍ଟି ପ୍ରଦାନ କରିଥାନ୍ତି।

ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ<br>
ଯୋ ବେଦ ନିହିତଂ ଗୁହାୟାଂ ପରମେବ୍ୟୋ ମନ୍<br>
ସୋଶ୍ନୁତେ ସର୍ବାନ୍ କାମାନ୍ ସହ ବ୍ରହ୍ମଣା ବିପଶ୍ଚିତେତି।'

ବିଶ୍ୱର କୋଣେ ପ୍ରତିକୋଣେ ନିମିତ୍ତ କାରଣ ରୂପେ ପରାତ୍ପର ବ୍ରହ୍ମ ବିଦ୍ୟମାନ। ସମଗ୍ର ସୃଷ୍ଟି ହେଉଛି ବ୍ରହ୍ମ ଏବଂ ବ୍ରହ୍ମ ହେଉଛନ୍ତି ସଚରାଚର ସୃଷ୍ଟି। 'ସର୍ବଂଖଳୁ ଇଦଂ ବ୍ରହ୍ମ' ହେଉଛି ବିଶ୍ୱେଶ୍ୱର ବାଦ ବା ସର୍ବାତ୍ମବାଦ । ଏହି ବ୍ରହ୍ମଙ୍କର ସାକାରରୂପ ଅବତାରଣାରେ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର ମହିମାମୟ ଶବ୍ଦରାଜି ସଂସାରଲିପ୍ତ ମାନବକୁ ପରଂବ୍ରହ୍ମରୂପୀ ଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ କରେ। ଚରମ ତଲ୍ଲୀନତାରେ ଭକ୍ତ ଗାଇଉଠେ, କଦାଚିତ୍ କାଳିନ୍ଦୀ ତଟ ବିପିନ ସଙ୍ଗୀତକରବୋ / ସୁଦାଭୀରୀନାରୀ ବଦନ କମଳାସ୍ୱାଦ-ମଧୁପଃ/ ରମାଶମ୍ଭୁର୍ବ୍ରହ୍ମା ସୁରପତି ଗଣେଶାର୍ଚ୍ଚିତ ପଦୋ/ ଜଗନ୍ନାଥଃ ସ୍ୱାମୀ ନୟନପଥ ଗାମୀ ଭବତୁ ମେ। ଖ୍ରୀଷ୍ଟାବ୍ଦ ୭୧୭ରେ ରଚିତ 'ଜ୍ଞାନସିଦ୍ଧି' ଗ୍ରନ୍ଥରେ ବଜ୍ରଯାନୀ ଇନ୍ଦ୍ରଭୂତି ଗ୍ରନ୍ଥର ପ୍ରାରମ୍ଭରେ ମଙ୍ଗଳା ଚରଣରେ ଜଗନ୍ନାଥ ନାମଟି ଉଚ୍ଚାରଣ କରି ସିଦ୍ଧିଦାତା ବ୍ରହ୍ମଙ୍କ ମହିମା ସଂପର୍କରେ ଶତମୁଖର ହୋଇ ଉଠିଛନ୍ତି। ଏଠାରେ ଜଗନ୍ନାଥ ବୁଦ୍ଧମୟ ଏବଂ ଶୂନ୍ୟରୂପୀ। ସର୍ବଶ୍ରେଷ୍ଠ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଦ୍ୱାରା ସର୍ବଦା ସେ ଧ୍ୟାତ। ଜ୍ଞାନମିଶ୍ରା ବୈଷ୍ଣବ ଧର୍ମର ପଞ୍ଚସଖା ଶ୍ରୀଜଗନ୍ନାଥଙ୍କୁ ମହାବିଷ୍ଣୁ ରୂପେ ସ୍ୱୀକାର କରି ନେଇଥିଲେ। ସେମାନଙ୍କ ଦୃଷ୍ଟିରେ ଏହି ବ୍ରହ୍ମ ହେଉଛନ୍ତି ସାକାର, ନିରାକାର, ସଗୁଣ, ନିର୍ଗୁଣ। 'ବେଦାନ୍ତସାର ଗୁପ୍ତଗୀତା' ନାମକ ଗ୍ରନ୍ଥରେ ଜଗନ୍ନାଥଙ୍କୁ ଅବତାରୀ ରୂପରେ ଗ୍ରହଣ କରି କବି ବଳରାମ ଦାସ ପ୍ରକାଶ କରିଛନ୍ତି, ସର୍ବଦା ନୀଳାଦ୍ରିରେ ସ୍ଥିତି / ଏଥୁ ସକଳ ଜାତ ହୋନ୍ତି / ସମସ୍ତ ଅବତାର ମାନ ଜାତ ହୋଇଣ ପଶେ ପୁଣ/ ବେଦାନ୍ତ ସାର ବ୍ରହ୍ମ ଏହି ବେଦହିଁ ବର୍ଣ୍ଣି ନ ପାରଇ। ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀରେ ମହାଯାନ ବୌଦ୍ଧ ଧର୍ମରେ ପିତୁଳା ପୂଜା ବା ବୋଧିସତ୍ତ୍ୱ ପୂଜା ପ୍ରଚଳିତ ହୋଇଥିଲା। ବୁଦ୍ଧଙ୍କର ଅନ୍ୟନାମ 'ଜଗନ୍ନାଥ'– ଏହା ପାଲୀଜାତକମାନଙ୍କରୁ ଉପଲବ୍ଧ। ବୌଦ୍ଧ ଧର୍ମର ମୁଖ୍ୟ ସଂକେତ 'ତ୍ରିସରଣ' ବା 'ତ୍ରିରତ୍ନ'କୁ ଜଗନ୍ନାଥ ରୂପେ ଗ୍ରହଣ କରାଯାଇଥିଲା।

ଶ୍ରୀଜଗନ୍ନାଥଙ୍କର ଦାରୁମୂର୍ତ୍ତିର ପରିବର୍ତ୍ତନ ରଥଯାତ୍ରା ସମୟରେ ସଂପାଦିତ ହୋଇଥାଏ। ବିଗ୍ରହମାନଙ୍କର ଏହି କଳେବର ବା ଦେହ ପରିବର୍ତ୍ତନକୁ ନବକଳେବର କୁହାଯାଇଥାଏ। ମଳମାସ ଅନ୍ତର୍ଭୁକ୍ତ ଆଷାଢ଼ ମାସରେ ପୁରୀ ରାଜାଙ୍କ ପ୍ରତିନିଧି ବୈଶାଖ ମାସର ଶୁଭଦିନ ଓ ଲଗ୍ନରେ ରାଜ ପୁରୋହିତ, ଚତୁର୍ବେଦଙ୍କ ବ୍ରାହ୍ମଣ, ବଢ଼ଇ ଓ ବିଶ୍ୱାବସୁ-ବିଦ୍ୟାପତି ବଂଶୀୟ ସେବକମାନଙ୍କ ଦ୍ୱାରା ଦାରୁ ସନ୍ଧାନରେ ବ୍ରତୀ ହୋଇ ନବକଳେବର ଉଦ୍ଦେଶ୍ୟରେ ଦାରୁସନ୍ଧାନ କରି ଏହି ଅପୂର୍ବ ଚେତନାମୟ ଆଧ୍ୟାତ୍ମିକ ଅନୁକ୍ରମର କାର୍ଯ୍ୟ ସଂପାଦନ କରିଥାନ୍ତି। ଜଗନ୍ନାଥ ମନ୍ଦିର ପରିସରରେ ହସ୍ତୀଦ୍ୱାର ସମୀପରେ କୋଇଲି ବୈକୁଣ୍ଠ ନାମକ ସ୍ଥାନରେ ଗୋଟିଏ ଦ୍ୱିତଳ ଗୃହଅଛି। ଏହିଠାରେ ନବକଳେବର ନିର୍ମିତ ହୋଇଥାଏ ଏବଂ ନିକଟରେ ଥିବା ଗହ୍ୱର ମଧ୍ୟରେ ପୁରାତନ ମୂର୍ତ୍ତିମାନଙ୍କର ବିସର୍ଜନ କାର୍ଯ୍ୟ ଶ୍ରୀମନ୍ଦିରର ନୀତିରୀତିରେ ନିଷ୍ପାଦିତ ହୋଇଥାଏ।

ଶ୍ରୀଜଗନ୍ନାଥ ହିଁ ଆମ ଚୈତ୍ତିକ ସ୍ଥିତିର କେନ୍ଦ୍ରବିନ୍ଦୁ। ଜନ୍ମ-ଜାଗରଣ-ସୁଷୁପ୍ତି ଓ ମହାସୁଷୁପ୍ତିରେ ସଙ୍ଗୀ ହିଁ ଜଗନ୍ନାଥ। ସେହିଁ ପରାତ୍ପର ବ୍ରହ୍ମ ଭୌତିକ ଜୀବନ ଯାପନର କର୍ଦ୍ଦମାକ୍ତ ପରିବେଶ ମଧ୍ୟରୁ ସେ ଉଦ୍ଧାର କରନ୍ତି ପ୍ରାଣୀଜଗତକୁ। ବସ୍ତୁ ପରତନ୍ତ୍ରତା ମଧ୍ୟରେ ଆର୍ତ୍ତ ଚିତ୍କାର କରୁଥିବା ମୂଢ଼ ଜୀବର ପ୍ରତି ମୁହୂର୍ତ୍ତକୁ ସେ କରିପାରନ୍ତି ଜ୍ଞାନମୟ । କ୍ଷଣଭଂଗୁର ସଂସାରରେ ମାନବର ସ୍ଥିତିଶୀଳତା, ଗତିଶୀଳତା କିଭଳି ସ୍ୱର୍ଗୀୟ ହେବ, ସେ ତାହା ସୂଚକ ରୂପେ ସୂଚନା ପ୍ରଦାନ କରିଥାନ୍ତି। ମାନୁଷିକ ପରିଧାନ ପରିବର୍ତ୍ତନ ସଦୃଶ ଆତ୍ମାର ଘଟ ପରିବର୍ତ୍ତନ କିପରି ଅବଶ୍ୟମ୍ଭାବୀ, ଏହା ଜଗନ୍ନାଥଙ୍କ ନବକଳେବରରୁ ସୂଚିତ ହୋଇଥାଏ। ନବୀନ ଉତ୍ସାହ ଓ ତେଜୋମୟତାରେ ଜୀବନ ପ୍ରବାହ କିପରି ବ୍ୟାପ୍ତ ହେଉ, ଏହା ନବକଳେବରର ଅନ୍ତର୍ନିହିତପୂର୍ଣ୍ଣ ବାର୍ତ୍ତା। ସେଥିପାଇଁ ପରମାତ୍ମା-ବିଦ୍ୟୁତ-ମଣିଷକୁ କଠୋପନିଷଦ୍‌ରେ ସଚେତନ କରି ଦିଆଯାଇଅଛି। ଉକ୍ତ ଉପନିଷଦରେ ଶରୀର ହେଉଛି ରଥ, ଇନ୍ଦ୍ରିୟଗଣ ଅଶ୍ୱ ସଦୃଶ, ମନ ଲଗାମ ସଦୃଶ, ବୁଦ୍ଧି ସାରଥି ସଦୃଶ। ଏହି ରଥରେ ଜୀବାତ୍ମା ଉପବିଷ୍ଟ। ବ୍ରହ୍ମଙ୍କର ରୂପ, ଲୀଳା, କୀର୍ତ୍ତନ ହିଁ ଜୀବାତ୍ମାକୁ ପରମାତ୍ମାଙ୍କ ଆଡ଼କୁ ଆକର୍ଷଣ କରିଥାନ୍ତି। ବିଶ୍ୱାସର ବିଶ୍ୱାୟନରେ ଜୀବନର ବିବିଧ ସନ୍ଦେଶ ପରିପୂର୍ଣ୍ଣ ଜଗନ୍ନାଥ ସଂସ୍କୃତି ଓ ଚେତନାରେ। ଆଲୋକ, ମୁକ୍ତି, ପ୍ରଶାନ୍ତି ପ୍ରାପ୍ତି ନିମିତ୍ତ ଶ୍ରୀଜଗନ୍ନାଥ ଦାରୁରୂପୀ ବ୍ରହ୍ମରୂପେ ଆମକୁ ମାର୍ଗଦର୍ଶକର ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ବଡ଼ଦାଣ୍ଡ, ମହାପ୍ରସାଦ, ଅପୂର୍ବ ରଥ, ସମନ୍ୱିତ ଦର୍ଶନରେ ସେ ଆମ ଯାତ୍ରାକୁ ଅବ୍ୟାହତ ରଖନ୍ତି ବିଶ୍ୱାୟନରେ। ପ୍ରତିଟି ମଣିଷ ବିଶ୍ୱ ପ୍ରେମରେ ତଲ୍ଲୀନ ହେଉ ଏବଂ ଅପୂର୍ବ ମାନବିକତାର ମାଧୁର୍ଯ୍ୟରେ ଜୀବନବୋଧର ମାନ୍ତ୍ରିକ ହୋଇଯାଉ ଉତ୍ତାନପାଦ ମଣିଷ, ଏହା ବିଶ୍ୱନିୟନ୍ତାଙ୍କର ଆମ ପ୍ରତି ଆଶୀର୍ବାଦ। ଜଗନ୍ନାଥ ବା ଦାରୁରୂପୀ ପରାତ୍ପର ବ୍ରହ୍ମ ସାଂପ୍ରତିକ ବହୁଚର୍ଚ୍ଚିତ ସାମ୍ୟବାଦର ଓ ବିଶ୍ୱବୋଧର ଏକ ତ୍ରୈକାଳିକ ପ୍ରତୀକ ଚିତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ।

ଅଧ୍ୟାପକ, ଓଡ଼ିଆ ବିଭାଗ
ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ନୟାଗଡ଼